# Akashvani, Sambalpur

## SAMBALPURI NEWS BULLETIN

### 2 September 2025 - 6.47- 6.52 am.

*******************************************

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ I&PR

ନୂଆଦିଲ୍ଲୀ ନ ହେବାର୍‌କେ ଥିବା ସେମିକନ୍ ଇଣ୍ଡିଆ ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଯୋଗ୍ ଦେବେ । ଇଥିର୍‌ଲାଗି ଗଲାକାଏଲ୍ ନୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯାଇଛନ୍ । ଇ ସମିଆଥି ମୁଖ୍ୟମନ୍ତ୍ରୀ ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ସାମିଲ୍ ହେବାର୍ ସହେତେ କେନ୍ଦ୍ରମନ୍ତ୍ରୀମାନ୍‌କୁ ଭେଟିକରି ରାଜ୍ୟର୍ ସ୍ୱାର୍ଥ ସମ୍ୱଳିତ ଭିନ୍ ଭିନ୍ ବିଷେଥି ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୮ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ୟୁନିଟ୍- ୨ ଅଶୋକ୍ ନଗର୍ ଠାନେ ଥିବା ଜନଶୁଣାଣି ଶିବିର୍ ନ ଲୁକ୍‌କର୍ ଅଭିଯୋଗ୍‌ମାନ୍‌କର୍ ଶୁଣାଣି କର୍‌ବେ । ଶିବିର୍ ଲାଗି

ଅନ୍‌ଲାଇନ୍ ପଞ୍ଜିକରଣ୍ ଆଏବା କାଏଲ୍ ଦିନର୍ ୧୧ ବଜେନୁ ମୁଲ୍ ହେବା । ଇଥିର୍‌ଲାଗି ଆଗ୍ରହୀ ଲୁକେ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଥି ନାହେଲେ ମୋବାଇଲ୍ ଆପ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ।

ମୁଖ୍ୟମନ୍ତ୍ରୀ-ନୂଆଖାଇ ଭେଟ୍‌ଘାଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୬ ତାରିଖ୍ ଶନିବାର୍ ଦିନ ସମ୍ବଲ୍‌ପୁର୍ ଗସ୍ତଥି ଆସୁଛନ୍ । ସମଲେଶ୍ୱରୀ ମନ୍ଦିର୍ ପରିସର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ ସମାରୋହଥି ମୁଖ୍ୟମନ୍ତ୍ରୀ ସାମିଲ୍ ହେବେ । ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନେ ଆଉ ପର୍ଶ୍ଚିମ ଓଡ଼ିଶାର୍ ସବୁ ସାଂସଦ୍ ଆଉ ବିଧାୟକ୍ ଆଉ ଇଥି ସାମିଲ୍ ହେବେ । ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ ଭିଲ୍ କାର୍ଯ୍ୟକ୍ରମ୍ ଜାଗା ନ ସୁରକ୍ଷା ଥିତି ସମୀକ୍ଷା କରିଛନ୍ ।

ମୁଖ୍ୟ ଶାସନ୍ ସଚିବ-ସାର ଯୋଗାଣ I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଏଜେ ସାର ଯୋଗାଣ ଥିତିର୍ ସମୀକ୍ଷା

କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଇ ବଛର୍ ଏବ୍‌ତକ୍ ରାଜ୍ୟକେ ୧୧ ଲାଖ୍ ୧୫ ହଜାର୍ ୩ ଶହ ୬୯ ମେଟ୍ରିକ୍ ଟନ୍ ସାର୍ ଯୁଗେଇ ଦିଆଯାଇଛେ । ସେଥିର୍‌ଭିତ୍‌ରୁ ୮ ଲାଖ୍ ୬୭ ହଜାର୍ ମେଟ୍ରିକ୍ ଟନ୍ ସାର୍ ବିକ୍ରି କରାଯାଇଛେ । ଯେନ୍‌ଟାକି ସାର ବିକ୍ରି କ୍ଷେତ୍ରଥି ସର୍ବକାଳୀନ ରେକର୍ଡ଼ ଆଏ । କୃଷି ବିଭାଗ୍, ମାର୍କଫେଡ଼୍ ଆଉ ପେକ୍ସ ସଙ୍ଗେ ସମନ୍ୱୟ ରଖିକରି ଚାଷୀମାନ୍‌କୁ ଆବଶ୍ୟକତା ଅନ୍‌ସାରେ ସାର ଯୁଗେଇ ଦେବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଶିକ୍ଷକ୍ ଟିଇଟି ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷା ସେବା ସହେତେ ଜଡ଼ିତ ଶିକ୍ଷକ୍‌ମାନ୍‌କୁ ଚାକିରୀଥି ରହେବାର୍ ଆଉ ପଦୋନ୍ନତି ପାଏବାର୍‌କେ ହେଲେ ଶିକ୍ଷକ ଦକ୍ଷତା ପରୀକ୍ଷା- ଟିଇଟି ପାସ୍ କର୍‌ବାର୍ ଜରୁରୀ ଆଏ ବଲି ଗଲାକାଏଲ୍ ସୁପ୍ରିମ୍‌କୋର୍ଟ ଗୁଟେ ମାମ୍‌ଲାର୍ ଶୁଣାଣି କରିକରି କହିଛନ୍ । ସୁପ୍ରିମ୍‌କୋର୍ଟ କହିଛନ୍, ଶିକ୍ଷକ୍‌ମାନେ ଟିଇଟି ପରୀକ୍ଷା ନାଇଁ ଦେଲେ ଚାକିରୀ ଛାଡ଼୍‌ବେ ନାହେଲେ ଅବସର୍ ନେବେ । ଇଥିର୍‌ଲାଗି ଶିକ୍ଷକ୍‌ମାନ୍‌କୁ ୨ ବଛର୍ ସମିଆ ଦିଆଯିବା । ମାତରକ ଯେନ୍ ଶିକ୍ଷକ୍‌ଙ୍କର୍ ଚାକିରୀ ସମିଆ ୫ ବଛର୍ ବାକିଥିବା ସେମାନେ ପରୀକ୍ଷା ଦେବାର୍ ଜରୁରୀ ନୁହେଁସେ ବଲି ସୁପ୍ରିମ୍‌କୋର୍ଟ ସ୍ୱଷ୍ଟ କରିଛନ୍ ।

ଆର୍‌ଆଇ ପରୀକ୍ଷା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜସ୍ୱ ନିରୀକ୍ଷକ , ଅମିନ୍, ଆଇ.ସି.ଡି.ଏସ୍. ସୁପର୍‌ଭାଇଜର୍, ଏଆର୍‌ଆଇ ନିଯୁକ୍ତି ପରୀକ୍ଷା ଆଏବା ୮ ତାରିଖ୍‌ନୁ ହେବା । ପହେଲା ଖେପେ ପ୍ରାଥମିକ୍ ପରୀକ୍ଷା ହେବା । ନଭେମ୍ବର୍ ମାସର୍ ୩ ନମ୍ବର୍ ହପ୍ତାତକ୍ ଫି' ଜିଲ୍ଲା ନ ଇ ପରୀକ୍ଷା ଆୟୋଜନ୍ କରାଯିବା ବଲି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ । ଇ ପରୀକ୍ଷାଥି ମୋଟ୍ ୫ ଲାଖ୍ ୫୮ ହଜାର୍ ଶହେ ୨୮ ଝନ୍ ପରୀକ୍ଷା ଦେବେ ।

ବିଶ୍ୱବିଦ୍ୟାଳୟ କର୍ମଚାରୀ ନୂଆଁ ଘର କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଲୋକ୍‌ସଭା ସାଂସଦ୍ ମାଲବିକା ଦେବୀ ଗଲାକାଏଲ୍ ଭବାନୀପାଟ୍‌ନା ବିଶ୍ୱବିଦ୍ୟାଳୟ ପରିସର୍ ନ କର୍ମଚାରୀମାନ୍‌କର୍ ନୂଆଁ ଘର୍ ଉଦ୍‌ଘାଟନ୍ କରିଛନ୍ । ମୁଖ୍ୟବକ୍ତା ଭାବେ ଆଇଆଇଏମ୍ ସମ୍ବଲ୍‌ପୁର୍‌ର ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଯୟସ୍ୱାଲ୍ ଯୋଗ୍ ଦେଇକରି କଲାହାଣ୍ଡିର୍ ପ୍ରାକୃତିକ୍ ପରିବେଶ୍, ଶିକ୍ଷା, ସାହିତ୍ୟ, ସଂସ୍କୃତିର୍ ପ୍ରଶଂସା କରିଛନ୍ ।

ନୋଡ଼ାଲ୍ ଅଧିକାରୀ-ସୁବର୍ଣ୍ଣପୁର୍ ଗସ୍ତ      ସୁବର୍ଣ୍ଣପୁର୍ ସମ୍ବାଦଦାତା

ଉଚ୍ଚଶିକ୍ଷା ବିଭାଗ୍ ଶାସନ୍ ସଚିବ ଆଉ ସୁବର୍ଣ୍ଣପୁର୍ ଜିଲ୍ଲା ନୋଡ଼ାଲ୍ ଆୟୁକ୍ତ ଅରବିନ୍ଦ ଅଗ୍ରୱାଲ୍ ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ କାମ୍‌ର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ପହେଲା ତର୍‌ଭା ଏନ୍‌ଏସି ଗଡ଼ଭିତର୍ ଅଙ୍ଗନବାଡ଼ି କେନ୍ଦ୍ର ବୁଲିକରି ଥିତି ସମୀକ୍ଷା କର୍‌ବାର୍ ସହେତେ କିଚେନ୍ ଗାର୍ଡ଼େନ୍ ଲାଗି କର୍ମୀମାନ୍‌କୁ ପରାମର୍ଶ ଦେଇଥିଲେ । ତାର୍ ଉତ୍‌ରୁ ପିଏମ୍‌ଶ୍ରୀ ସର୍‌କାରୀ ବାଳକ ଉଚ୍ଚ ବିଦ୍ୟାଳୟ, ପାଣିମୁରାନୁ କାମଘାଟ ପଂଚାୟତ୍ ସମିତି ରାସ୍ତା ତିଆର୍ କାମ୍, ସୋନ୍‌ପୁର୍ ବ୍ଲକ୍ ମଲ୍ଲିକ୍ ମୁଣ୍ଡା ସାଗର୍‌ପାଲି ସେବାଶ୍ରମ ଆଉ ମିଶନ୍ ଶକ୍ତି ବୁଣାକାର୍ ଉତ୍ପାଦକ ଗୋଷ୍ଠୀର୍ କାମ୍ ବୁଲି ଦେଖିଥିଲେ ।

ଆଦି କର୍ମଯୋଗୀ ଅଭିଯାନ୍      ବର୍‌ଗଡ଼୍ ସମ୍ବଲ୍‌ପୁର୍

ତୃଣମୂଳସ୍ତରର୍ ଜନଜାତି ନେତୃତ୍ୱ କାର୍ଯ୍ୟକ୍ରମ- ଆଦି କର୍ମଯୋଗୀ ଅଭିଯାନ୍‌ର ଜିଲ୍ଲାସ୍ତରୀୟ ଅବଲୋକନ କର୍ମଶାଳା ବର୍‌ଗଡ଼୍ ଜିଲ୍ଲା ନ ହେଇଯାଇଛେ । ଇ ଅଭିଯାନ୍‌ଥି ଜିଲ୍ଲାର୍ ଶହେ ୫୭ ଟା ଜନଜାତି ଗାଁକେ ସାମିଲ୍ କରାଯାଇଛେ । ଫି ଗାଁ ନ ୨୦ ଝନ୍ ଲେଖା ସଦସ୍ୟଙ୍କୁ ନେଇକରି

ଗୁଟେ ଦଲ୍ ଗଠନ୍ କରାଯିବା, ଯେନ୍‌ମାନେକି ସର୍‌କାର୍ ଆଉ ଜନଜାତି ସମ୍ପ୍ରଦାୟ ଭିତ୍‌ରେ ସେତୁ ବାଗିର୍ କାମ୍ କର୍‌ବେ ।

ରାଜ୍ୟ ପୁଲିସ୍ ଫୁଟ୍‌ବଲ୍ ପ୍ରତିଯୋଗିତା ପ୍ରେସ୍ ରିଲିଜ୍

ସୁନ୍ଦର୍‌ଗଡ୍ ଜିଲ୍ଲା ଷ୍ଟାଡ଼ିୟମ୍ ଠାନେ ରାଜ୍ୟ ପୁଲିସ୍ ଫୁଟ୍‌ବଲ୍ ପ୍ରତିଯୋଗିତା-୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଫାଇନାଲ୍ ମେଚ୍‌ଥି ସୁନ୍ଦର୍‌ଗଡ୍ ପୁଲିସ୍ ଟିମ୍- ଝାର୍‌ସୁଗୁଡ଼ା ପୁଲିସ୍ ଟିମ୍‌କେ ୪-୩ ଗୋଲ୍‌ଥି ହରେଇକରି ଚମ୍ପିଆନ୍ ହେଇଛେ ।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା I&PR

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜ୍‌ନାର୍ ଆବେଦନ୍ ସମିଆ ସେପ୍ଟେମ୍ବର୍ ୮ ତାରିଖ୍‌କେ ବଢ଼ାଯାଇଛେ । ଆଘୋନୁ ଇ ସମିଆ ଅଗଷ୍ଟ ୩୦ ତାରିଖ୍‌ତକ୍ ଥିଲା । ସାମ୍ବାଦିକ୍‌ମାନ୍‌କର୍ ଅନୁରୋଧ୍‌କେ ନଜର୍‌ଥି ରଖିକରି ଇ ସମିଆକେ ଫେର୍ ବଢ଼ାଯାଇଛେ ।

ବାୟୋଗେସ୍ ପ୍ରକଳ୍ପ-ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଦା ଜଗଡ଼ା ନୁ ମିଥେନ୍ ଆଉ ନାଇଟ୍ରୋଜେନ୍ ଗେସ୍ ବନାବାର୍ ଲାଗି ସମ୍ବଲ୍‌ପୁର୍ ସହରେ ଗୁଟେ ବାୟୋଗେସ୍ ପ୍ରକଳ୍ପ ଥାପ୍‌ନା କରାଯିବା । ଇ ଗେସ୍‌କେ ରନ୍ଧା ଆଉ ଗାଡ଼ିର୍ ଇନ୍ଧନ୍ ଭାବେ ବେଭାର୍ କରାଯିବା । ଇଥିର୍‌ଲାଗି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆଉ ଆଇଓସିଏଲ୍ ଭିତ୍‌ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ମାନେଶ୍ୱର୍ ତହସିଲ୍ ଅଧୀନ୍‌ଥି ପାଖାପାଖି ୧୪ ଏକଡ଼୍ ଜମିଥି ଇ ପ୍ରକଳ୍ପ ଥାପ୍‌ନା କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପୂର୍ବ ବଙ୍ଗୋପ୍‌ସାଗର୍ ଆର୍ ତାର୍ ପାଖର୍ ମିଆନ୍‌ମାର୍ ଉପକୂଲ୍ ନ ଗୁଟେ ଘୂର୍ଣ୍ଣିବଳୟ ବନିଛେ । ଇଟା ଆଏଜ୍ ଲଘୁଚାପ୍ ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍‌ବଲେ ଆଏଜ୍ କୋରାପୁଟ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।